**Sankha Bhawan**
Plot No. 798, Unit - VI
Bhubaneswar - 751001, Odisha

Dr. Byomakesh Ray
State President
Biju Yuva Janata Dal
9437161000
E-mail: byjd.odisha@gmail.com

# BIJU YUVA JANATA DAL

<u>ପ୍ରେସ୍ ବିଜ୍ଞପ୍ତି</u>

## ଦଶ ଲକ୍ଷ ଯୁବକଙ୍କୁ ସଦସ୍ୟ କରିବା ଲକ୍ଷ୍ୟ ନେଇ ଡିଜିଟାଲ କର୍ମଶାଳା ଆରମ୍ଭ କଲା ଯୁବ ବିଜେଡି

- **ବିଜେଡି ଏବେ ବି ରାଜ୍ୟର ଶ୍ରେଷ୍ଠ ଲୋକପ୍ରିୟ ଦଳ**
- **ଅଧିକରୁ ଅଧିକ ଯୁବବର୍ଗଙ୍କୁ ସଦସ୍ୟ କରିବା ଲକ୍ଷ୍ୟ**
- **ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ**

**ଭୁବନେଶ୍ୱର, ୧୭/୧୧/୨୦୨୪:** ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବା ବେଳେ ଆଜି ବିଜୁ ଯୁବ ଜନତା ଦଳ ତରଫରୁ ଭିଡିଓ କନଫରେନସିଙ୍ଗ ମାଧମରେ ଅନୁଷ୍ଠିତ ହୋଇ ଯାଇଛି। ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ, ବିଜୁ ଯୁବ ଜନତା ଦଳର ସଭାପତି ଡ଼ଃ ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବିଜେଡିର ସମନ୍ୱୟ କମିଟିର ଅଧକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସାଂସଦ ମୁଜିବୁଲା ଖାନ, ଶ୍ରୀ ସୁବାଶିଷ ଖୁଣ୍ଟିଆ, ଦଳର ବରିଷ୍ଠ ନେତା ଶ୍ରୀ ପ୍ରଣବ ପ୍ରକାଶ ଦାସ ଓ ଶ୍ରୀ ପ୍ରଣବ ବଳବନ୍ତରାୟ, ଶ୍ରୀ ବିଜୟ ନାୟକ ଇତ୍ୟାଦି ନିଜର ବକ୍ତବ୍ୟ ରଖି ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଚବିଶ ବର୍ଷ ଶାସନ କାଳରେ ରାଜ୍ୟରେ ଅନେକ ପ୍ରଗତି ହୋଇଛି ବୋଲି କହିଥିଲେ। ବିଜୁ ଜନତା ଦଳ ଗତ ନିର୍ବାଚନରେ ପରାଜୟ ବରଣ କରିଥିଲେ ମଧ ସମୁଦାୟ ଭୋଟ ହାସଲରେ ଏକ ନମ୍ବର ସ୍ଥାନ ବଜାୟ ରଖିଛି। ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢେଇ କରୁଥିଲା ଏବଂ ଆଗାମୀ ଦିନରେ ମଧ ଲଢେଇ ଜାରି ରଖିବ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ, ୫୦୦ରୁ ଅଧିକ ବିଜୁ ଯୁବ ଜନତା ଦଳର ସଦସ୍ୟ ଭାଗ ନେଇଥିଲେ ଓ ଆରମ୍ଭ ହୋଇଥିବା ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ଦଶ ଲକ୍ଷ ଯୁବକଙ୍କୁ ନୂତନ ସଭ୍ୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ, ଶ୍ରୀ ବୈକୁଣ୍ଠ ନାୟକ, ସୋଫିଆ ଆଲାମ, ଶ୍ରୀ ସତ୍ୟଜିତ ପଟ୍ଟନାୟକ, ଶ୍ରୀ ତାରିଣୀ ପ୍ରସାଦ ନାୟକ, ଶ୍ରୀ ରଶ୍ମୀରଂଜନ ଦାସ, ଶ୍ରୀ ଆଶୀଷ ସାହୁ, ଶ୍ରୀ ଦିଲ୍ଲୀପ ସେନାପତି, ଅବ୍ତାଭ ଆଲାମ୍ ଖାନ୍, ଶ୍ରୀ ବିଜୟ କେତନ ସାହୁ, ଶ୍ରୀ ବାସୁଦେବ ଶାହ, ଶ୍ରୀ ଶୁଭ୍ରଜିତ ପାଢୀଙ୍କ ସହ ସମସ୍ତ ସାଙ୍ଗଠନିକ ଜିଲ୍ଲାର ଯୁବ ସଭାପତି, ବ୍ଲକ ସଭାପତି, ଏନ୍ଏସି ସଭାପତି, ମ୍ୟୁନିସପାଲିଟି ସଭାପତି ଓ ବିଜୁ ଯୁବ ଜନତା ଦଳର ପ୍ରମୁଖ ପଦାଧିକାରୀଙ୍କୁ ଡିଜିଟାଲ ସଦସ୍ୟ ଗ୍ରହଣ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା।

**ଡଃ ବ୍ୟୋମକେଶ ରାୟ**
**ସଭାପତି, ବିଜୁ ଯୁବ ଜନତା ଦଳ, ଓଡ଼ିଶା**